ପଶୁ ପ୍ରବୃତ୍ତିର ବଳି

ପଶୁତ୍ୱକୁ ହତ୍ୟାକର, ପଶୁକୁ ନୁହେଁ

■ ଡକ୍ଟର ମହେଶ୍ୱର ମହାନ୍ତି
କେନ୍ଦୁଝର କଲୋନୀ, କଟକ

ମାଙ୍କଡ଼ମାନେ ସମୁଦ୍ରରେ ବନ୍ଧ ବାନ୍ଧିଲେ । ଭାଲୁମାନଙ୍କର ରାଜା ଜାମ୍ବବାନ ବନବାସୀ ରାମଚନ୍ଦ୍ରଙ୍କର ମନ୍ତ୍ରୀପଣିଆ କଲେ । ଗୋଟିଏ କ୍ଷୁଦ୍ର ଜୀବ ଗୁଣ୍ଡୁଚି ମୂଷା ସେତୁବନ୍ଧ ଉପରେ ଯାଇ ବାଲି ବିଞ୍ଚିଲା । ତା'ର ବହୁ ଆଗରୁ ଜଟାୟୁ ନାମରେ ଚଢ଼େଇଟିଏ ଆକାଶ ମାର୍ଗରେ ନାରୀ ଅପହରଣକାରୀ ରାବଣ ସହିତ ଲଢ଼େଇ କରି ଶହୀଦ ହେଲା । ବଗଟିଏ ପୋଖରୀ କୂଳରେ ଥିବା ଗଛ ଡାଳରେ ବସି ବନବାସୀ ଯୁଧିଷ୍ଠିରଙ୍କର ଧର୍ମ, ଜ୍ଞାନ ଓ ବିବେକ ବୋଧର ପରୀକ୍ଷା କରି ତାଙ୍କୁ ପୁରସ୍କାର ଦେଲା । ପୁଣି ସେଇ ଯୁଗରେ କୁକୁରଟିଏ ସ୍ୱର୍ଗଯାତ୍ରା ପାଣ୍ଡବମାନଙ୍କ ସହିତ ହିମାଳୟ ପର୍ବତ ଉପରେ ଚଢ଼ି ଚଢ଼ି ଯାଇ ଶେଷରେ ଯୁଧିଷ୍ଠିରଙ୍କୁ ସଶରୀରେ ନେଇ ସ୍ୱର୍ଗରେ ପହଞ୍ଚାଇଦେଲା । ଭୃକୁଣ୍ଡୀ ନାମରେ କାଉଟିଏ ତ୍ରିକାଳଜ୍ଞ ତଥା ତ୍ରିଯୁଗଦର୍ଶୀ ହୋଇ ପୁରୀ ବଡ଼ ଦେଉଳରେ ଯୁଗ ଯୁଗ ପାଇଁ ସ୍ଥାନ ଅଧିକାର କଲା । ହିମାଳୟର ଜଙ୍ଗଲରେ ଥିବା ବୈଶମ୍ପାୟନ ନାମରେ ଶୁଆଟିଏ ମହାଜ୍ଞାନୀ ରୂପେ ପରିଚିତ ହେଲା । ସେହିଭଳି ଆଉ ଗୋଟିଏ ଶୁଆ ବ୍ୟାସପୁତ୍ର, ଶୁକଦେବଙ୍କ ଜନ୍ମର ନିୟାମକ ହେଲା ।

ଏହିଭଳି କାହାଣୀର ଅନ୍ତ ନାହିଁ କିମ୍ବା ଉଦାହରଣର ସୀମା ନାହିଁ । ଯେଉଁ ପୁରାଣ ଶାସ୍ତ୍ରକୁ ଭାରତୀୟ ସଭ୍ୟତା ଓ ସଂସ୍କୃତିର ଆଧାରଶିଳା ବୋଲି ବିଚାର କରାଯାଏ, ସେଇ ପୁରାଣମାନଙ୍କରେ ପଶୁପକ୍ଷୀଙ୍କୁ ନେଇ ଅସଂଖ୍ୟ କାହାଣୀ ତିଆରି କରାଯାଇଛି । ଖାଲି ସେତିକି ନୁହେଁ, ସେମାନଙ୍କଠାରେ ଦେବତ୍ୱ ମଧ୍ୟ ଆରୋପ କରାଯାଇଛି ଏବଂ ସେମାନଙ୍କ ପ୍ରତିଛବି ନିକଟରେ କାଳକାଳ ଧରି ଆମେ ଧୂପ ଦୀପ ନୈବେଦ୍ୟ ଅର୍ପଣ କରିଆସୁଛୁ । ପୁରାଣ ବର୍ଣ୍ଣିତ କାମଧେନୁ ହେଉଛି ଗୋଟିଏ ଅଭୀଷ୍ଟୁ ଦାୟିନୀ ଗାଈ, ତାର କନ୍ୟା ନନ୍ଦିନୀ ମଧ୍ୟ ସେଇଭଳି ସମାନ ଦେବତ୍ୱର ଅଧିକାରିଣୀ । ଐରାବତ ହାତୀ ହେଲା ଦେବରାଜ ଇନ୍ଦ୍ରଙ୍କର ବାହନ । ସମୁଦ୍ର ମନ୍ଥନରୁ ଜାତହେଲା ଉଚ୍ଚୈଶ୍ରବା ନାମରେ ଏକ ଅଶ୍ୱ । ସେ ପୁଣି ହେଲା ଇନ୍ଦ୍ରଙ୍କର ଅଶ୍ୱ । ସିଂହ ହେଲା ଦୁର୍ଗାଙ୍କର ବାହନ । ବୃଷଭ ହେଲା ଶ୍ମଶାନବାସୀ ମହାଦେବଙ୍କର ବାହନ, ମଇଁଷି ହେଲା ମୃତ୍ୟୁଲୋକର ଯମରାଜଙ୍କର ବାହନ, ମୟୂର ପକ୍ଷୀଟି ହେଲା କାର୍ତ୍ତିକେୟଙ୍କର ବାହନ, ହଂସ ହେଲା ସରସ୍ୱତୀଙ୍କର ବାହନ, ପକ୍ଷୀମାନଙ୍କର ରାଜା ସ୍ୱୟଂ ଗରୁଡ଼ ହେଲେ ବିଷ୍ଣୁଙ୍କର ବାହନ, ପେଚା ଉଚ୍ଚି ଅସୁନ୍ଦର ପକ୍ଷୀଟିକୁ ବାହନ ରୂପେ ଲକ୍ଷ୍ମୀଙ୍କ ସହିତ ଯୋଡ଼ି ଦିଆଗଲା । ଶେଷରେ ମୂଷାଭଳି ଏକ କ୍ଷୁଦ୍ର ଜୀବକୁ ନିଜର ବାହନ ରୂପେ ଆଦରିନେଲେ ମହାଜ୍ଞାନୀ ଗଣେଶ । ବିଷଧର ସର୍ପ ବାସୁକୀର ଫଣା ଉପରେ ନେଇ ଥୋଇ ଦିଆଗଲା ପୃଥିବୀକୁ । ତେଣୁ କୋଟି କୋଟି ପ୍ରାଣୀ ଯୁଗଯୁଗ ଧରି କୃତଜ୍ଞ ହୋଇ ରହିଲେ ବାସୁକୀ ନାଗ ପାଖରେ ।

ଯେଉଁ ମହର୍ଷିମାନେ ବା ପୁରାଣକାରମାନେ ଏହିଭଳି ଅସଂଖ୍ୟ କାହାଣୀ ମନରୁ ଗଢ଼ି ଥୋଇ ଦେଇଗଲେ ଏବଂ ହାତୀ ଘୋଡ଼ା, ଗାଈ ଗୋରୁ, ମାଙ୍କଡ଼, ମୂଷା, ମୟୂର, ବାଘ, ସିଂହ ଇତ୍ୟାଦିଙ୍କ ପାଇଁ ଆମେ ନିଜର ଭକ୍ତି ଅର୍ଘ୍ୟ ସଜାଡ଼ି ରଖିଲୁ, ସେମାନେ କହିଦେଇ ଗଲେ ଯେ ପଶୁପକ୍ଷୀ ଇତ୍ୟାଦି ଇତର ପ୍ରାଣୀମାନେ କେବେ ହେୟ ବା ଘୃଣ୍ୟ ନୁହନ୍ତି । ସେମାନେ ହେଉଛନ୍ତି ମଣିଷର ଜୀବନଧାରା ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ମନୁଷ୍ୟ ଆଦିମ ଅନ୍ଧକାର ମଧ୍ୟରୁ ଆଧୁନିକ ସଭ୍ୟତାର ଯେଉଁ ଝଲମଲ ଆଲୋକ ପର୍ଯ୍ୟନ୍ତ ଆସିଛି, ସେ ସେଇ ପଶୁମାନଙ୍କ ପିଠିରେ ହିଁ ଆରୋହଣ କରି ଆସିଛି । ଯାଯାବର ଜୀବନକୁ ଛାଡ଼ି ଯେତେବେଳେ ସେ କୃଷିକୁ ଆଶ୍ରୟ କରି ସ୍ଥିର ଜୀବନ ଯାପନ କରିବାକୁ ଆରମ୍ଭ କଲା, ସେତେବେଳ ଗାଈ ଗୋରୁ, ଛେଳି ମେଣ୍ଢା, ଘୋଡ଼ା ଇତ୍ୟାଦି ହେଲେ ତାର ପରମ ସମ୍ବଳ । ସେଇମାନେ ନିଜ ପିଠିରେ ଭାର ବୋହିଛନ୍ତି, ବସତି ସ୍ଥାପନରେ ସାହାଯ୍ୟ କରିଛନ୍ତି । ପୁଣି ହାତୀ ଘୋଡ଼ା ଭଳି ସଂଗ୍ରାମୀ ପଶୁ ତାକୁ ଯୁଦ୍ଧ ଜୟକରିବାରେ ସାହାଯ୍ୟ କରିଛନ୍ତି, ଦୂରପଥ ଅତିକ୍ରମ କରିବା ନିମନ୍ତେ ବାହନ ହୋଇଛନ୍ତି ।

ତଥାପି ଆମେ କହି ଆସିଛ. ମନୁଷ୍ୟର ବିପରୀତ ହେଉଛି ପଶୁ । ଅର୍ଥାତ୍ ଯାହାଠାରେ ମନୁଷ୍ୟ ସୁଲଭ ଆଚରଣର ଅଭାବ, ସେ ଆଉ କିଛି ନହୋଇ ହେବ ଗୋଟାଏ ପଶୁ । ମାନବିକତା ଓ ପଶୁତ୍ୱ ହେଉଛି ଦୁଇଟି ବିପରୀତ ଧର୍ମୀ ଲକ୍ଷଣ । ପଶୁ ପ୍ରବୃତ୍ତିର ଅଧୀନ । ସେ ପ୍ରବୃତ୍ତି ପରିଚାଳିତ ଜୀବନ ଯାପନ କରେ । ମନୁଷ୍ୟ କିନ୍ତୁ କିଛି ନିବୃତ୍ତି ଓ କିଛି ସଂଯମ ଅଭ୍ୟାସ କରିଛି; ଫଳରେ ସେ ପଶୁମାନଙ୍କଠାରୁ ଦୂରେଇ ଯାଇ ନିଜକୁ ସଭ୍ୟ ବୋଲି କହୁଛି । କିନ୍ତୁ ପଶୁମାନଙ୍କଠାରେ ସ୍ନେହ ଅଛି, ପ୍ରେମ ଅଛି, ବାତ୍ସଲ୍ୟ ଅଛି, କୃତଜ୍ଞତା ଅଛି, ବିଶ୍ୱସ୍ତତା

ଅଛି । 'ବଉଳା ଗାଈ' ଗୋଟିଏ ଉପାଖ୍ୟାନ ହେଲେ ମଧ୍ୟ, 'ଆଣ୍ଡ୍ରୋକ୍ଲିସ ଓ ସିଂହ' ଗୋଟିଏ ଗ୍ରୀସ ଦେଶୀୟ କାହାଣୀ ହେଲେ ମଧ୍ୟ, ରାଜପୁତ ବୀର ମହାରଣା ପ୍ରତାପଙ୍କର ବିଶ୍ୱସ୍ତ ଅଶ୍ୱ ଚେତକ ହେଉଛି ଏକ ବାସ୍ତବ କାହାଣୀ ।

ସମଗ୍ର ପୃଥିବୀରେ ପଶୁପାଳିତ ମନୁଷ୍ୟ ଶିଶୁ (Feral child) ସଂପର୍କରେ ଅନେକଗୁଡ଼ିଏ କାହାଣୀ ଅଛି । ଏଗୁଡ଼ିକ କୌଣସି ମନଗଢ଼ା ପୌରାଣିକ କାହାଣୀ ବା କିମ୍ବଦନ୍ତୀ ନୁହେଁ । ଏଗୁଡ଼ିକ ବାସ୍ତବ ଘଟଣା । ରୋମ ନଗରର ପ୍ରତିଷ୍ଠା ସଂପର୍କରେ ପ୍ରଚଳିତ କାହାଣୀକୁ ହୁଏତ ଐତିହାସିକ କିମ୍ବଦନ୍ତୀ ବୋଲି କୁହାଯାଇ ପାରେ । ରେମସ ଓ ରୋମୁଲସ ନାମକ ଦୁଇଟି ଯାଆଁଳା ଭାଇଙ୍କୁ ତାଙ୍କର ଜଣେ ମନ୍ଦ ପ୍ରକୃତିର ଦାଦା ନଦୀ ସ୍ରୋତରେ ଭସାଇ ଦେଇଥିଲା, ପରେ ଗୋଟିଏ ମାଈ ହେଟାବାଘ ସେମାନଙ୍କୁ ପାଇ ସନ୍ତାନଭଳି ଲାଳନ ପାଳନ କରିଥିଲା । ତାଠାରୁ ଗୋଟିଏ ପଶୁପାଳକ ଓ ତାର ସ୍ତ୍ରୀ ଶିଶୁ ଦୁଇଟିଙ୍କୁ ଉଦ୍ଧାର କରି ପାଳନ କରିଥିଲେ । ସେଇ ଭାଇ ଦୁଇଟି ବଡ଼ ହୋଇ ଦାଦାଙ୍କୁ ହତ୍ୟାକରି ଗୋଟିଏ ନଗର ପ୍ରତିଷ୍ଠା କରିଥିଲେ । ତାଙ୍କର ନାମ ଅନୁସାରେ ନଗରର ନାମ ହୋଇଛି ରୋମ । ଏହି ରୋମ ନଗରୀ ମଧ୍ୟରେ ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀରେ ସ୍ମାରକୀ ସ୍ୱରୂପ ବ୍ରୋଞ୍ଜ ନିର୍ମିତ ଗୋଟିଏ ମାଈ ହେଟାବାଘର ମୂର୍ତ୍ତି ସ୍ଥାପନ କରାଯାଇଥିଲା ।

ଗୋଟିଏ ନିକଟ ଅତୀତରେ ବାସ୍ତବ ଘଟଣା ହେଉଛି ୧୯୫୪ ମସିହାରେ ଉତ୍ତର ପ୍ରଦେଶର ଲକ୍ଷ୍ନୌ ନିକଟବର୍ତ୍ତୀ ଜଙ୍ଗଲ ମଧ୍ୟରୁ ଉଦ୍ଧାର କରାଯାଇଥିବା ଗଧିଆ ପିଲା ରମୁର ଦୃଷ୍ଟାନ୍ତ । ରମୁ ଥିଲା ଜଣେ ଧନୀ ବ୍ୟବସାୟୀଙ୍କର ମାତ୍ର ନଅ ମାସର ଶିଶୁପୁତ୍ର । ତାକୁ ଗୋଟିଏ ମାଈ ହେଟାବାଘ କୌଶଳକ୍ରମେ ଅପହରଣ କରିନେଇ ଜଙ୍ଗଲ ମଧ୍ୟରେ ଲାଳନ ପାଳନ କରୁଥିଲା । ନଅ ବର୍ଷ ପରେ ୧୯୫୪ ମସିହା ଜାନୁଆରୀ ମାସରେ ଦଳେ ଶିକାରୀ ଜଙ୍ଗଲ ମଧ୍ୟରୁ ତାକୁ ଉଦ୍ଧାର କରିଥିଲେ । ସେ ପଶୁ ମେଳରେ ରହି ମନୁଷ୍ୟ ଆକୃତିର ଏକ ବିଚିତ୍ର ଚତୁଷ୍ପଦ ପ୍ରାଣୀ ପାଲଟି ଯାଇଥିଲା । ଶିକାରୀମାନେ ତାକୁ ଧରି ଆଣି ସେଠାର ବଳରାମପୁର ଡାକ୍ତରଖାନାରେ ଭର୍ତ୍ତି କରିଦେଇଥିଲେ । ତାହାର ଚିକିତ୍ସା କରାଯିବା ସହିତ ବହୁଦିନ ପର୍ଯ୍ୟନ୍ତ ତା ଉପରେ ଗବେଷଣା କରାଯାଇଥିଲା । ଅନେକ ବର୍ଷ ଧରି ଚିକିତ୍ସା ଓ ଯତ୍ନ ଫଳରେ ରମୁର ସ୍ୱଭାବରେ ଅନେକ ପରିବର୍ତ୍ତନ ଘଟିଥିଲେ ମଧ୍ୟ ସେ ଅଧିକ ଦିନ ବଞ୍ଚି ରହିପାରିନଥିଲା । ସମ୍ବାଦପତ୍ର ବ୍ୟତୀତ ଉତ୍ତରପ୍ରଦେଶର ତତ୍କାଳୀନ ରାଜ୍ୟପାଳ କେ. ଏମ. ମୁନସୀ ଏ ବିଷୟରେ ତାଙ୍କର ଏକ ପୁସ୍ତକରେ ଉଲ୍ଲେଖ କରିଛନ୍ତି ।

୧୯୨୦ ମସିହାରେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରୁ ଏହିଭଳି ଏକ ଅଦ୍ଭୁତ ଘଟଣା ଆବିଷ୍କୃତ ହୋଇଥିଲା । ରେଭରେଣ୍ଡ ସିଂ ନାମକ ଜଣେ ମିଶନାରୀ ମୟୂରଭଞ୍ଜ ଜିଲ୍ଲାର ଡେଙ୍ଗାନାଳିଆ ନାମକ ଏକ ସାନ୍ତାଳ ଗ୍ରାମ ନିକଟର କମଳା ଓ ଅମଳା ନାମ୍ନୀ ଦୁଇଟି ପଶୁପାଳିତା କନ୍ୟାକୁ ଉଦ୍ଧାର କରି ସେମାନଙ୍କ ଠାରେ ମନୁଷ୍ୟ ସୁଲଭ ଆଚରଣର ପୁନରୁଦ୍ଧାର ନିମନ୍ତେ ଦୀର୍ଘ ୧୫ବର୍ଷ ଧରି କଠିନ ପରିଶ୍ରମ କରିଥିଲେ; ମାତ୍ର କନ୍ୟା ଦୁଇଟିକୁ ସେ ବଞ୍ଚାଇ ରଖି ପାରିନଥିଲେ ।

ପୃଥିବୀର ବିଭିନ୍ନ ଅଞ୍ଚଳର ଏହିଭଳି ଅନେକ ଘଟଣାର ଦୃଷ୍ଟାନ୍ତ ସଂଗ୍ରହ କରାଯାଇଛି । ପଶୁର ଯେ ସନ୍ତାନ ବାତ୍ସଲ୍ୟ ଅଛି, ଏଇ କଥାଟି ସେଥିରୁ ସ୍ପଷ୍ଟ ହୋଇଛି । ସଭ୍ୟତାର ବିକାଶ ଧାରା ମଧ୍ୟରେ ପଶୁପକ୍ଷୀ ଇତର ପ୍ରାଣୀମାନେ ମନୁଷ୍ୟର ସାଥେ ସାଥେ ରହି ଆସିଛନ୍ତି । ତାକୁ ସାହାଯ୍ୟ ଦେଇ ଆସିଛନ୍ତି । ପରିବେଶକୁ ଜୀବନ୍ତ କରିଛନ୍ତି । ସେମାନଙ୍କୁ ନେଇ ତିଆରି ହୋଇଛି କଥା, କିମ୍ବଦନ୍ତୀ, ସାହିତ୍ୟ, ସଂଗୀତ, କଳା ଇତ୍ୟାଦି । ପୃଥିବୀର ଶ୍ରେଷ୍ଠ ନୀତିକଥାଗୁଡ଼ିକ ପଶୁପକ୍ଷୀଙ୍କୁ ନେଇ ରଚିତ । ଜାତକ କାହାଣୀଠାରୁ ଆରମ୍ଭ କରି ପଞ୍ଚତନ୍ତ୍ର, ହିତୋପଦେଶ, କଥା ରଚିତ ସାଗର ଓ ଇଶପ କାହାଣୀମାଳା ହେଉଛି ଏହାର ଉଦାହରଣ । ଲୋକକାହାଣୀରେ ବାଘ ହେଉଛି ମାମୁଁ, ବିଲୁଆ ହେଉଛି ନନା, ସେ ପୁଣି ଦଳିତ ନିର୍ଯ୍ୟାତିତ ଓ ଦୁର୍ବଳର ପ୍ରତିନିଧି । କାଉ କୋଇଲି ଭଳି ପକ୍ଷୀ ସନ୍ତାନ ବିଧୁରା ମାତାର ହୋଇଛନ୍ତି ବାର୍ତ୍ତାବହ । 'କୋଇଲି ଲୋ କେଶବ ଯେ ମଥୁରାକୁ ଗଲା, କାହା ବୋଲେ ଗଲା ପୁତ୍ର ବାହୁଡ଼ି ନଇଲା' - ଏହାରି ମଧ୍ୟରେ ସନ୍ତାନବତ୍ସଳା ମାତା ଯଶୋଦା ନିଜ ହୃଦୟର ବେଦନାକୁ ଅଜାଡ଼ି ଦେଇଛନ୍ତି ।

ଆଜି ସଭ୍ୟତାର ବିକାଶ ଓ ବିଜ୍ଞାନର ଅଗ୍ରଗତି ନାମରେ ମନୁଷ୍ୟ ସାଜିଛି ଧ୍ୱଂସର ଧୂର୍ଜ୍ଜଟୀ । ପ୍ରକୃତି ଓ ପରିବେଶକୁ ହତ୍ୟାକରି ଶହ ଶହ, ହଜାର ହଜାର ଜୀବଜନ୍ତୁଙ୍କର ବଂଶଲୋପ କରି ସେ ନିଜକୁ ଗୌରବାନ୍ୱିତ ମନେକରୁଛି । ଅନ୍ଧବିଶ୍ୱାସରେ ପରିଚାଳିତ ହୋଇ ନିଜର ସ୍ୱାର୍ଥ କାମନାରେ ହଜାର ହଜାର ପଶୁଙ୍କୁ ବଳି ପକାଉଛି ।

ସୁତରାଂ, ମନୁଷ୍ୟ ମନୁଷ୍ୟ ରୂପେ ସଂସାରରେ ବଞ୍ଚି ରହିବାକୁ ହେଲେ ପଶୁମାନଙ୍କୁ ହତ୍ୟା କରିବା ଉଚିତ ନୁହେଁ ବରଂ ନିଜ ମଧ୍ୟରେ ଥିବା ପଶୁତ୍ୱକୁ ହତ୍ୟା କରିବା ଉଚିତ । ନିଜର ପଶୁତ୍ୱକୁ ସେ ପରିହାର କରିପାରିଲେ ନିର୍ମମତା, ନିଷ୍ଠୁରତା, ହିଂସା ଓ ଜିଜ୍ଞାସାକୁ ସେ ପରିହାର କରିପାରିବ, ତେବେ ଯାଇ ଜୀବେ ଦୟା ଭଳି ଏକ ଅମର ଓ ଅମୃତ ବାଣୀର ସ୍ୱାଦ ସେ ଅନୁଭବ କରିପାରିବ ।

❖ ❖ ❖